## ସଂକ୍ଷେପରେ

### ଅର୍ଦ୍ଧଦଗ୍ଧ ମହିଳାଙ୍କ ମୃତ୍ୟୁ

ଖୁଣ୍ଟା,୧୯।୧୨(ଡି.ଏନ.ଏ.):ଖୁଣ୍ଟା ଥାନା ଅଧୀନ ଟିଁଟିଆ ଗ୍ରାମରେ ଗତ ୧୪ ତାରିଖରେ ପୋଡି ହୋଇ ଗୁରୁତର ହୋଇଥିବା ମହିଳାଙ୍କର ପିଆରଏମ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ହୋଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୩୯/୧୮) ରୁଜୁ ହୋଇଛି । ଗତ ୧୪ ତାରିଖ ରାତିରେ ଟିଁଟିଆ ଗ୍ରାମର ଅଶୋକ ଗଁଜୁଙ୍କ ସ୍ତ୍ରୀ ସୁନିତାଙ୍କ ଲୁଗାରେ ନିଆଁ ଲାଗିଯିବାରୁ ତାଙ୍କ ଶରୀରର ଅର୍ଦ୍ଧାଧିକ ଅଂଶ ପୋଡି ହୋଇଯାଇଥିଲା । ପିଆରଏମ ମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ଶନିବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଖୁଣ୍ଟା ପୋଲିସ ତାଙ୍କ ବୟାନ ରେକର୍ଡ କରିଥିଲା। ଘରୋଇ କଳିରେ ଅତିଷ୍ଠ ହୋଇ ନିଜେ ନିଜ ଦେହରେ ନିଆଁ ଲଗାଇ ଦେଇଥିବା ସୁନିତା ପୋଲିସକୁ କହିଥିଲେ । ତାଙ୍କର ଏକ ୫ ବର୍ଷର ଶିଶୁପୁତ୍ର ଥିବା ଜଣାଯାଇଛି ।

### ଆରମ୍ଭ ହେଲା ଧାନକିଣା

ବାରିପଦା ଅଫିସ,୧୯।୧୨:ମୟୂରଭଞ୍ଜ ଜିଲା ଯୋଗାଣ ବିଭାଗ ପକ୍ଷରୁ ଗତ ସୋମବାରଠାରୁ ଧାନ କିଣା ଆରମ୍ଭ ହୋଇଯାଇଛି। ସୋମବାର ୧୩ଟି ବ୍ଲକ ଯଥା ବଡସାହି, ବେତନଟି, ଯଶିପୁର, କପ୍ତିପଦା, କରଞ୍ଜିଆ, କୁସୁମି, ମୋରଡା, ରାଇରଙ୍ଗପୁର, ରରୁଆଁ, ରାସଗୋବିନ୍ଦପୁର, ଶୁଳିଆପଦା, ତିରିଂ ଓ ଉଦଳାରେ ଖୋଲା ଯାଇଥିବା ୧୬ଟି ପେଡି ପ୍ରୋକ୍ୟୁରମେଣ୍ଟ ସେଣ୍ଟରରେ ୫୮୨୫.୭୮ କିଗ୍ରା ଧାନ କିଣାଯାଇଛି। ମଙ୍ଗଳବାର ମୟୂରଭଞ୍ଜ ଜିଲା ବନ୍ଦ ଥିବାରୁ ଧାନ କ୍ରୟ ହୋଇ ନ ଥିଲା। ସୋମବାର ୧୬ ଟି ପେଡି ପ୍ରୋକ୍ୟୁରମେଣ୍ଟ ସେଣ୍ଟର ଖୋଲା ଯାଇଥିବା ବେଳେ ବୁଧବାରଠାରୁ ପର୍ଯ୍ୟାୟ କ୍ରମେ ଜିଲାର ଅନ୍ୟ ବ୍ଲକଗୁଡିକରେ ସେଣ୍ଟର ଖୋଲାଯାଉଛି ବୋଲି ଜିଲା ଯୋଗାଣ ଅଧିକାରୀ କିଶୋର କୁମାର ପାତ୍ର କହିଛନ୍ତି। ଜିଲାରେ ୫୨ ଲ୍ୟାମ୍ପ୍ସ ଓ ୯୭ଟି ପେଡି ପ୍ରୋକ୍ୟୁରମେଣ୍ଟ ସେଣ୍ଟରରେ ଧାନ କିଣାଯିବ। ମୋଟ ୭ ଲକ୍ଷ ୫ ହଜାର ୮୮୨ .୩୫ କିଗ୍ରା ଧାନ କିଣିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏଥିପାଇଁ ଜିଲାରେ ୧୨ ମିଲର ନିୟୋଜିତ ଥିବା କହିଛନ୍ତି।

# ରୋଗୀଙ୍କୁ ଏକ୍ସପାଏରି ସାଲାଇନ୍

ବାରିପଦା ଅଫିସ,୧୯।୧୨

ବାରିପଦା ତକତପୁରସ୍ଥିତ ପିଆରଏମ ମେଡିକାଲରେ ରୋଗୀଙ୍କୁ ଏକ୍ସପାଏରି ସାଲାଇନ ଦିଆଯିବା ଘଟଣା ସାମ୍ନାକୁ ଆସିବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ମଙ୍ଗଳବାର ରାତିରେ ଏଭଳି ଘଟଣା ଘଟିଥିବା ବେଳେ ବୁଧବାର ଗୁରୁତର ଅବସ୍ଥାରେ ଉକ୍ତ ରୋଗୀଙ୍କୁ କଟକ ବଡମେଡିକାଲ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ସମ୍ପର୍କରେ ଖବର ସଂଗ୍ରହ କରିବାକୁ ଯାଇଥିବା ଜଣେ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ଡାକ୍ତରଙ୍କ ଦୁର୍ବ୍ୟବହାରର ଶିକାର ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି।

ମଙ୍ଗଳବାର ପୂର୍ବାହ୍ନରେ ବାଙ୍ଗିରିପୋଷି ବ୍ଲକର ବାଉଁଶବୁଡି ଗାଁର ଜଗନ୍ନାଥ ଗିରିଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ବାଙ୍ଗିରିପୋଷି ଡାକ୍ତରଖାନା ଓ ପରେ ପିଆରଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ। ବାରିପଦା ମେଡିକାଲରେ ରାତିରେ ତାଙ୍କୁ ଏକ ସାଲାଇନ ଦେବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡିବାକୁ ଲାଗିଲା। ପରେ ସନ୍ଦେହରେ ଜଗନ୍ନାଥଙ୍କ ପୁଅ ରଜତ ଉକ୍ତ ସାଲାଇନ ବୋତଲକୁ ଦେଖି ତାହାର ଏକ୍ସପାଏରି ନଭେମ୍ବରରେ ସରିଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସେମାନେ ତାଙ୍କୁ ଚୁପ ରହିବାକୁ ଧମକଚମକ ଦେଇଥିବା ରଜତ କହିଛନ୍ତି।

**ପିଆରଏମ୍ ମେଡିକାଲ କଲେଜ**



ଡାକ୍ତରଙ୍କ ନିକଟରେ ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରୁଛନ୍ତି।

- ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର
- ଚାପା ଉତ୍ତେଜନା, ଉଭୟ ପକ୍ଷରୁ ମାମଲା
- ଗଣମାଧ୍ୟମ ପ୍ରତିନିଧିଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର ଅଭିଯୋଗ

ଏ ସଂକ୍ରାନ୍ତୀୟ ଖବର ସଂଗ୍ରହ କରିବାକୁ ବୁଧବାର ସକାଳେ ଦୁଇ ଜଣ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ପିଆରଏମ ମେଡିକାଲ ଯାଇଥିଲେ। ସେଠାରେ ଜଣେ ଖବରଦାତାଙ୍କୁ ଜଣେ ଡାକ୍ତର ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ମେଡିକାଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଦୁର୍ବ୍ୟବହାର କରିଥିବା ଡାକ୍ତର ଓ ଜଣେ ପୁରୁଷ ଷ୍ଟାଫ ନର୍ସଙ୍କ ବିରୋଧରେ ଲିଖିତ ଭାବେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଉପରୋକ୍ତ ଡାକ୍ତର ଜଣକ ମଧ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ସେ ତାଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ନେଇ ସେ ଟାଉନ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣାର ବିଧିବଦ୍ଧ ଭାବେ ତଦନ୍ତ କରାଯିବ ବୋଲି ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ କହିଛନ୍ତି। ଏହି ଘଟଣାରେ ପିଆରଏମ୍ ମେଡିକାଲ କଲେଜର ଅଧୀକ୍ଷକ ଡା. ନରେନ୍ଦ୍ରନାଥ ସୋରେନଙ୍କ ସହିତ ଆଲୋଚନା କରିବାରୁ ସେ ବାହାରେ ଅଛନ୍ତି। ରୋଗୀଙ୍କୁ ଏକ୍ସପାଏରି ସାଲାଇନ ଦିଆଯିବା ଘଟଣା ତାଙ୍କ ନଜରକୁ ଆସିଛି। ଏହାର ତଦନ୍ତ କରାଯିବ। ତେବେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିବା ଘଟଣା ଯଦି ସତ୍ୟ ତା' ହେଲେ ଏହା ନିଶ୍ଚିତ ଭାବେ ଅପ୍ରୀତିକର କଥା। ଏ ସମ୍ପର୍କରେ ମଧ୍ୟ ତଦନ୍ତ କରିବେ ବୋଲି କହିଛନ୍ତି।



ତଦନ୍ତକାରୀ ଅଧିକାରୀମାନେ ଜବତ ଚାଉଳ ଓଜନ କରୁଛନ୍ତି ।

### ଚାଉଳ ଯୋଗାଣ ଘଟଣାର ତଦନ୍ତ ଆରମ୍ଭ

## ଓଜନ ବେଳେ ମିଳିଲା କମ୍ ଚାଉଳ

ବଡ଼ସାହି,୧୯।୧୨(ସ୍ୱ.ପ୍ର.)

ବଡ଼ସାହି ବ୍ଲକରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ କମ ଓଜନର ଚାଉଳ ଯୋଗାଣ ଅଭିଯୋଗ ଘଟଣାର ତଦନ୍ତ ବୁଧବାର ଆରମ୍ଭ କରାଯାଇଛି । ବାରିପଦା ସଦର ଉପଜିଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ ଦାୟିତ୍ୱରେ ଥିବା ବଡ଼ସାହି ତହସିଲଦାର ଅମୀୟ କୁମାର ରାଉତଙ୍କ ଉପସ୍ଥିତିରେ ଏଡ଼ିଏସ୍‌ଡ଼ବ୍ଲୁଓ ସାଧନ ଚନ୍ଦ୍ର ଦାସ ଓ ଜିଲା ପରିସଂଖ୍ୟାନ ସହାୟକ ଗୁଣନିଧି ଧାରୁଆ ଏହି ତଦନ୍ତ କାର୍ଯ୍ୟରେ ସାମିଲ ହୋଇଛନ୍ତି। ସେମାନେ ଜବତ ହୋଇଥିବା ଚାଉଳ ବୋଝେଇ ଭ୍ୟାନ ଓ ସିଲ୍ ଥିବା ବଡ଼ସାହି ସିଡ଼ିପିଓଙ୍କ ଗୋଦାମ ଗୃହର ୨୯୮ଟି ଚାଉଳ ବ୍ୟାଗଗୁଡ଼ିକର ଓଜନ ଦେଖିଥିଲେ । ୫୦କିଗ୍ରା ବିଶିଷ୍ଟ ବସ୍ତାରୁ ଅଧିକାଂଶରେ ୩ରୁ ୫କିଗ୍ରା ଚାଉଳ କମ ଥିବା ତଦନ୍ତ ବେଳେ ଜଣାଯାଇଛି। ଓଜନ ସମ୍ପର୍କିତ ତଥ୍ୟ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ପରବର୍ତ୍ତୀ ନିଷ୍ପତ୍ତି ସେ ନେବେ ବୋଲି ତହସିଲଦାର କହିଛନ୍ତି ।

# କୃଷକ ସମ୍ପର୍କ ମେଳା



ସଭାରେ ମଞ୍ଚାସୀନ ଅତିଥିମାନେ।

କୁଆମରା,୧୯।୧୨

ଗୋପବନ୍ଧୁନଗର ଅଧୀନ କୁଆମରା ଠାରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୟୂରଭଞ୍ଜ କୃଷି ଉପନିର୍ଦ୍ଦେଶକ ଦାମୋଦର ସେଠୀ ଅଧ୍ୟକ୍ଷତା କରିଥିଲେ। ଜିଲା କୃଷି ବିଭାଗ ଅଧିକାରୀ ମନୋରଞ୍ଜନ ମହାପାତ୍ର, ଜିଲା ଶସ୍ୟ ସଂରକ୍ଷଣ ଅଧିକାରୀ ଡା ମନୋଜ କୁମାର ଚାନ୍ଦ, ବ୍ଲକ ସହକାରୀ କୃଷି ଅଧିକାରୀ ରବୀନ୍ଦ୍ର କୁମାର ଆଧେକ, ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ନିରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇ କୃଷି ଓ କୃଷକଙ୍କ ସମ୍ପର୍କରେ ଆଲୋକପା କରିଥିଲେ । କାର୍ଯ୍ୟକ୍ରମରେ ତିନି ଶହ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଥିଲା । ପୁରୁଣା ବାରଳିପଦା ସହକାରୀ କୃଷି ଅଧିକାରୀ ମନୋରଞ୍ଜନ ମିଶ୍ର ଅତିଥି ପରିଚୟ ଦେଇଥିଲେ।

### ଆକ୍ରମଣରେ ବୃଦ୍ଧ ମୃତ

ରାଇରଙ୍ଗପୁର,୧୯।୧୨(ଡି.ଏନ.ଏ.)

ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଠାକୁରାଣୀବେଡା ବସ୍ତି ଅଞ୍ଚଳର ସଚିନ୍ଦ୍ର ପ୍ରସାଦ ମହାନ୍ତ(୫୫) ପଡୋଶୀଙ୍କ ଆକ୍ରମଣର ଶିକାର ହୋଇ ପ୍ରାଣ ହରାଇଛନ୍ତି। ମଙ୍ଗଳବାର ସଚିନ୍ଦ୍ର ଏବଂ ପଡୋଶୀ ବୁଧରାମ ବନ୍ଧାଣୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ବୁଧୁରାମ ଏକ ଠେଙ୍ଗାରେ ଆକ୍ରମଣ କରିବାରୁ ସଚିନ୍ଦ୍ର ଗୁରୁତର ହୋଇ ପଡିଥିଲେ। ତାଙ୍କୁ ପ୍ରଥମେ ରାଇରଙ୍ଗପୁର ହସ୍ପିଟାଲ ଓ ପରେ କଟକ ପଠାଯାଇଥିଲା। ସେଠାରେ ବୁଧବାର ତାଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ହତ୍ୟା ମାମଲା (ନଂ ୧୧୩/୧୮) ରୁଜୁ କରିଛି। ଅଭିଯୁକ୍ତ ଫେରାର୍ ଥିବା ତଦନ୍ତକାରୀ ପୋଲିସ ନିକଟରୁ ପ୍ରକାଶ।

# ପିସି କାରବାର ବନ୍ଦ ଦାବିରେ ବିକ୍ଷୋଭ

ଉଦଳା, ୧୯।୧୨ (ଡି.ଏନ.ଏ.)

ଉଦଳା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟକୁ ଘେରାଉ କରାଯିବା ସହ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ହେଉଥିବା ପିସି କାରବାର ବନ୍ଦ କରାଯିବା ଦାବି ନେଇ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହା ବନ୍ଦ ନ ହେଲେ ଆଗାମୀ ଦିନରେ ପକ୍ଷରୁ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଭାଜପା ଯୁବ ମୋର୍ଚ୍ଚାର କର୍ମୀମାନେ ଏକ ଶୋଭାଯାତ୍ରାରେ ଦଳୀୟ କାର୍ଯ୍ୟାଳୟରୁ ବାହାରି ଉଦଳା ବଜାର ପରିକ୍ରମା କରିଥିଲେ। ଶୋଭାଯାତ୍ରା ସମୟରେ ରାସ୍ତାରେ ବହୁ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭାଜପା ଯୁବ ମୋର୍ଚ୍ଚାର ଜିଲା ସଭାପତି କୁମାର ମଙ୍ଗଳମ୍‌ଙ୍କ ସମେତ ପୂର୍ବତନ ବିଧାୟକ ଭାସ୍କର ମଢେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ମୋଦୀ, ପୂର୍ବତନ ଏନଏସି ଅଧ୍ୟକ୍ଷ ସୌଭାଗ୍ୟ କୁମାର ସାହୁଙ୍କ ସମେତ ବହୁ ଭାଜପା ଯୁବ ମୋର୍ଚ୍ଚାର କର୍ମୀ ଏବଂ ନେତା ସାମିଲ ହୋଇଥିଲେ ।




ଉଦଳା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ଭଦ୍ରକ

## ସଂକ୍ଷେପରେ

### ମଧ୍ୟାହ୍ନଭୋଜନ ଚାଉଳ ହେରଫେର ପ୍ରଧାନଶିକ୍ଷକ ନିଲମ୍ବିତ

ଚାନ୍ଦବାଲି, ୧୯।୧୨ (ଡି.ଏନ.ଏ.): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ନଳଗୋହିରା ପଞ୍ଚାୟତ କରଣପୋଖରୀ ୟୁଜିଏମ୍‌ର ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ମହାନ୍ତି ମଧ୍ୟାହ୍ନଭୋଜନ ଚାଉଳ ହେର୍‌ଫେର ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। ଚାନ୍ଦବାଲି ବିଇଓ ପ୍ରଣୟ ନାୟକ ଚିଠି ନଂ.୨୪୧୫ ବଳରେ ମଙ୍ଗଳବାର ପ୍ରଧାନଶିକ୍ଷକ ମହାନ୍ତିଙ୍କୁ ନିଲମ୍ବନ କରିଛନ୍ତି। ମଧ୍ୟାହ୍ନଭୋଜନ ଚାଉଳ ହେର୍‌ଫେର ନେଇ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଧାନଶିକ୍ଷକ ମହାନ୍ତିଙ୍କ ନାମରେ ବିଇଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବିଇଓ ସ୍କୁଲରେ ପହଞ୍ଚି ମଧ୍ୟାହ୍ନଭୋଜନର କାଗଜପତ୍ର ତନଖି କରିଥିଲେ। ଏଥିସହ ବିଇଓଙ୍କ ଉପସ୍ଥିତିରେ ସ୍କୁଲ ଗୋଦାମରେ ଗଚ୍ଛିତ ମଧ୍ୟାହ୍ନଭୋଜନ ଚାଉଳ ଓଜନ କରାଯାଇଥିଲା। ୪.୫ କୁଇଣ୍ଟାଲ ଚାଉଳ ହିସାବରୁ କମ୍ ଥିବା ଜଣାପଡ଼ିବାରୁ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରାଯାଇ ଚଡଦିଆ ହରେକୃଷ୍ଣପୁର ସ୍କୁଲରେ ଅବସ୍ଥାପିତ କରାଯାଇଛି। ପ୍ରକାଶ ଯେ, ପୂର୍ବରୁ ଏହି ସ୍କୁଲରେ କାର୍ଯ୍ୟରତ ୨ ପ୍ରଧାନଶିକ୍ଷକଙ୍କୁ କେତେକ ଅନିୟମିତତା ନେଇ ଅନ୍ୟତ୍ର ବଦଳି କରାଯାଇଥିଲା।

### ତହସିଲ କାର୍ଯ୍ୟାଳୟରେ ଜିଲାପାଳଙ୍କ ସମୀକ୍ଷା

ବନ୍ତ, ୧୯।୧୨ (ଡି.ଏନ.ଏ.): ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାଶ ବୁଧବାର ବନ୍ତ ତହସିଲ ଗସ୍ତରେ ଆସି ବିଭିନ୍ନ ବିଭାଗର ସମୀକ୍ଷା କରିଛନ୍ତି। ତହସିଲର ବାର୍ଷିକ ହିସାବ, ରାଜସ୍ୱ ମାମଲା ସମେତ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ଜିଲା ରାଜସ୍ୱ ଅଧିକାରୀ ସୂର୍ଯ୍ୟକାନ୍ତ ପାଢ଼ୀ, ତହସିଲଦାର ଫକୀର ଚରଣ ପରିଡା, ଅତିରିକ୍ତ ତହସିଲଦାର ବିଜୟ କୁମାର ସେଠୀ, ରାଜସ୍ୱ ବିଭାଗର ମୁଖ୍ୟ କିରାଣୀ ହେମନ୍ତ କୁମାର ବିଶ୍ୱାଳ, ବନ୍ତ ତହସିଲର ମୁଖ୍ୟ କିରାଣୀ ସେଖ୍ ସାମସୁଦ ଅଲ୍ଲୀଙ୍କ ସମେତ ସମସ୍ତ ରାଜସ୍ୱ ନିରୀକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଚାଉଳ ଚୋରଙ୍କୁ ପ୍ରଶାସନିକ ଅନୁକମ୍ପା

ଭଦ୍ରକ ଅଫିସ,୧୯।୧୨

ଭଦ୍ରକ ଜିଲାରେ ମଧ୍ୟାହ୍ନଭୋଜନ ଓ ସାଧାରଣ ବଣ୍ଟନ ଚାଉଳରେ ବହୁ ଟଙ୍କାର ହେର୍‌ଫେର ଚାଲିଛି। ଏହାକୁ ଜିଲା ପ୍ରଶାସନିକ ଅଧିକାରୀମାନେ ପରୋକ୍ଷରେ ସମର୍ଥନ କରୁଥିବା ବୁଧବାର ଭାଜପା ପକ୍ଷରୁ ଜିଲା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ବଦ୍ରିନାରାୟଣ ଧଳ ଅଭିଯୋଗ ଆଣିଛନ୍ତି।

ସେ ଦର୍ଶାଇଛନ୍ତି ଯେ, ଚାଉଳ ହେର୍‌ଫେର କରୁଥିବା ର୍‌ୟାକେଟରେ ବହୁ ଅଫିସର, ଶାସକ ଦଳର ନେତା, ଡିଲର, ମିଲର ଅଛନ୍ତି। ଜିଲାପାଳ ଏକଥା ଜାଣି ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁ ପଛଘୁଞ୍ଚା ଦେଉଥିବାରୁ ଏହି ର୍‌ୟାକେଟ ପରୋକ୍ଷରେ ଉପକୃତ ହେଉଛନ୍ତି। ଭଦ୍ରକ ଜିଲାରେ ଯୋଗାଣ ନିଗମର ନିଜସ୍ୱ ଗୋଦାମ ଏବଂ ଅନ୍ୟ ସରକାରୀ ଗୋଦାମ ଥିଲେ ମଧ୍ୟ ତାହା ବାତିଲ୍ କରି ଘରୋଇ ମାଲିକାନାରେ ଥିବା ଗୋଦାମରେ ସରକାରୀ ଚାଉଳ କାହା ସ୍ୱାର୍ଥରେ ରଖାଯାଉଛି ବୋଲି ସେ ପ୍ରଶ୍ନ କରିଥିଲେ। ତିହିଡି ଓ ବାସୁଦେବପୁର ବ୍ଲକରେ ଥିବା ଯୋଗାଣ ନିଗମର ନିଜସ୍ୱ ଗୋଦାମକୁ ଇତିମଧ୍ୟରେ ବନ୍ଦ କରାଯାଇଛି। ଅଥଚ ବ୍ରାହ୍ମଣୀଗାଁରେ ଥିବା ପ୍ରାଇଭେଟ ଇଣ୍ଟରପ୍ରେନ୍ୟୁର ଗ୍ୟାରେଣ୍ଟର ଗୋଦାମକୁ ସରକାରୀ ତହବିଲରୁ ୮୦ ଲକ୍ଷରୁ ଅଧିକ ଟଙ୍କା ଗତ ଦେଢବର୍ଷ ମଧ୍ୟରେ ପୈଠ କରାଯାଇ ଭଡାରେ ନେଇ ସରକାରୀ ଚାଉଳ ରଖାଯାଉଛି। ବ୍ରାହ୍ମଣୀଗାଁରେ ଘରୋଇ ମାଲିକାନାରେ ଥିବା ଗୋଦାମ ପ୍ରତି ପ୍ରଶାସନର ଏତେ ଦରଦ କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। ଚରମ୍ପାରେ ୪୦୦ ବସ୍ତା(୨୦୦ କୁଇଣ୍ଟାଲ) ଚାଉଳ କମ୍ ବାହାରିବା ଓ ବ୍ରାହ୍ମଣୀଗାଁରେ ୧୦୦୦ କୁଇଣ୍ଟାଲ ଚାଉଳ ଅଧିକ ବାହାରିବା ଘଟଣାକୁ ୧୦ ଦିନ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ରହସ୍ୟ ଜଣାପଡ଼ି ନାହିଁ। ଏହି ଘଟଣାରେ କାହାକୁ ନିଲମ୍ବନ କିମ୍ବା ଦୋଷୀ ସାବ୍ୟସ୍ତ କରାଯାଇପାରୁ ନାହିଁ। ଏହା ଚାଉଳ ଚୋରଙ୍କୁ ପ୍ରଶାସନିକ ଅନୁକମ୍ପା ବୋଲି କୁହାଯାଇଛି। ଗୋଦାମରେ ସିଲ୍ କରାଯିବାର ୧୨ ଘଣ୍ଟା ପରେ ସିଲ୍ ଖୋଲାଯିବା ଘଟଣା ପ୍ରଶାସନ, ଯୋଗାଣ ନିଗମ, ପରିବହନ ଠିକାଦାର ଅସାଧୁ ମେଣ୍ଟକୁ ପ୍ରମାଣିତ କରୁଛି ବୋଲି ଅଭିଯୋଗ କରିଥିଲେ ଭାଜପା କର୍ମୀ। ଚାଉଳ ହେର୍‌ଫେରରେ ସମ୍ପୃକ୍ତ ଅଧିକାରୀ ଓ ଗୋଦାମ ମାଲିକଙ୍କ ବିରୋଧରେ ସପ୍ତାହକ ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଦଳ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ତାଲାବନ୍ଦ ଆନ୍ଦୋଳନ କରାଯିବ ବୋଲି ସଭାପତି ଧଳ ଚେତାବନୀ ଦେଇଛନ୍ତି।

ଭାଜପାର ଜିଲା ଉପସଭାପତି ଶରତ ପଢିଆରୀ, ଅମ୍ବିକା ପ୍ରସନ୍ନ ଦାସ, ତପନ ମହାନ୍ତି, ସାଧାରଣ ସମ୍ପାଦକ ପ୍ରଭାତ ଜେନା, ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଅଧର ମଲ୍ଲିକ, ଜିଲା ଆଇଟି ସେଲ୍ ସଂଯୋଜକ ପ୍ରଶାନ୍ତ ନାୟକ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜିଲାପାଳ ଜ୍ଞାନରଞ୍ଜନ ଦାସ କହିଛନ୍ତି, ଘଟଣାର ତଦନ୍ତ ପାଇଁ ଜିଲା ଯୋଗାଣ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

**ଅଭିଯୋଗ ଆଣିଲା ଭାଜପା**

### ■ ମାଟିଆଗୁଣ୍ଡି ପୋକ ଯୋଗୁ ଫସଲ ନଷ୍ଟ

# କ୍ଷତିପୂରଣ ଦାବି କଲେ ଚାଷୀ

ବନ୍ତ,୧୯।୧୨(ସ୍ୱ.ପ୍ର.)

ବନ୍ତ ତହସିଲ ଛୟାଳସିଂହ ଆର୍‌ଆଇ ସର୍କଲ ଅଧୀନ ସରମରା ମୌଜାରେ ପାଚିଲା ଧାନକ୍ଷେତରେ ମାଟିଆଗୁଣ୍ଡି ପୋକ ବ୍ୟାପକ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ବୁଧବାର 'ପିଠା' କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ ଓଡଙ୍ଗ ପଞ୍ଚାୟତକୁ ଯାଇଥିବା ବେଳେ ସେଠାରେ ଚାଷୀମାନେ ଏଭଳି ଅଭିଯୋଗ କରିଥିଲେ। ସରକାରଙ୍କ ପକ୍ଷରୁ କ୍ଷତିପୂରଣ ପାଇଁ ସେମାନେ ଦାବି କରିଥିଲେ। ସରମରାର ଚାଷୀ ଆନନ୍ଦ ରାଉତ ଓ ନାରାୟଣ ଚନ୍ଦ୍ର ନାୟକଙ୍କ ଅଭିଯୋଗ ଅନୁଯାୟୀ, କୃଷି ବିଭାଗ ଅଧିକାରୀଙ୍କ ପରାମର୍ଶ କ୍ରମେ ବାରମ୍ବାର କୀଟନାଶକ ପ୍ରୟୋଗ କରିଥିଲେ ସୁଦ୍ଧା ପୋକଙ୍କୁ ନିୟନ୍ତ୍ରଣ କରାଯାଇ ପାରି ନ ଥିଲା। ଫଳରେ ଚଳିତବର୍ଷ ଧାନ ଅମଳ ବାଧାପ୍ରାପ୍ତ ହେବା ନିଶ୍ଚିତ। ଆନନ୍ଦଙ୍କ ୨ ଏକର ଓ ନାରାୟଣଙ୍କର ୩ ଏକର ଜମି କ୍ଷତିଗ୍ରସ୍ତ ହୋଇଥିବା ନେଇ ବନ୍ତ ତହସିଲଦାର ଓ କୃଷି ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ବିଭାଗ ପକ୍ଷରୁ ତଦନ୍ତ କରାଯାଇ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମା ପ୍ରଦାନ ଲାଗି ଦାବି କରାଯାଇଛି। ସେହିପରି ଆଗରପଡ଼ା ଆର୍‌ଆଇ ସର୍କଲ ଅଧୀନ କଳାପାହାଡ, ଆଡିଆ, ବାହାଦଲପୁର, ଗିରିଧାରୀନଗର, ଓଲଡାଙ୍ଗ, ପନ୍ଦାଡୋ ଆଦି ମୌଜାରେ ମାଟିଆଗୁଣ୍ଡି ପୋକ କାରଣରୁ ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।



ପୋକ ଲାଗି ନଷ୍ଟ ହୋଇଥିବା ଧାନଗଛ।

### ଅସଦାଚରଣ ଉଦ୍ୟମ ମାମଲା

## ଅଭିଯୁକ୍ତଙ୍କୁ ବର୍ଷେ ଜେଲ

ଭଦ୍ରକ ଅଫିସ, ୧୯।୧୨

ଅସଦାଚରଣ ଉଦ୍ୟମ ମାମଲାର ବିଚାର କରି ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅମିୟ ରଞ୍ଜନ ଜେନା ଅଭିଯୁକ୍ତ ଶଙ୍କର୍ଷଣ ଜେନାଙ୍କୁ ବର୍ଷେ ଜେଲ ଦଣ୍ଡ ଦେଇଛନ୍ତି। ୨୦୧୧ ଜୁଲାଇ ୨୭ ରାତିରେ ତିହିଡି ଥାନା ଦୌଲତପୁର ଗ୍ରାମର ଏକ ଦମ୍ପତି ବାରଣ୍ଡାରେ ଶୋଇଥିଲେ। ଶଙ୍କର୍ଷଣ ସେଠାରେ ପହଞ୍ଚି ଅସଦାଚରଣ ଉଦ୍ୟମ କରିବାରୁ ମହିଳାଙ୍କ ଚିତ୍କାର ଶୁଣି ତାଙ୍କ ସ୍ୱାମୀ ଉଠିପଡ଼ିଥିଲେ। ଶଙ୍କର୍ଷଣ ପଳାଇଥିଲେ। ତିହିଡି ଥାନାରେ ମାମଲା (ନଂ.୧୯୩/୧୧) ରୁଜୁ ହୋଇଥିଲା। ସରକାରଙ୍କ ତରଫରୁ ସେକ୍ ଜାଲିମ ମାମଲା ପରିଚାଳନା କରିଥିଲେ।

# ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ ସମ୍ପନ୍ନ

ଧାମନଗର, ୧୯।୧୨ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ମୁଲଣାସାହିର ସେନା କର୍ମଚାରୀ ମହମ୍ମଦ ମୁଲ୍ଲା ସିରାଜୁଲ ହକଙ୍କର ପରଲୋକ ହୋଇଯାଇଛି। ତାଙ୍କ ମରଶରୀର ବୁଧବାର ଧାମନଗରରେ ପହଞ୍ଚିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ବିଦାୟ ଦିଆଯାଇଛି। ମୁଲଣାସାହିର ମହମ୍ମଦ ଇଖାରୁଲ ହକଙ୍କର ଏକମାତ୍ର ପୁତ୍ର ସିରାଜୁଲ ୩ ବର୍ଷ ତଳେ ସେନାବାହିନୀରେ ଯୋଗ ଦେଇଥିଲେ। ଜମ୍ମୁକାଶ୍ମୀରରେ କାର୍ଯ୍ୟରତ ସମୟରେ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଦିଲ୍ଲୀର ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିବାରୁ ମରଶରୀରକୁ ଭୁବନେଶ୍ୱର ଅଣାଯାଇଥିଲା। ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଭୁବନେଶ୍ୱରରୁ ମରଶରୀରକୁ ଜାତୀୟ ରାଜପଥରେ ଅଣାଯାଇ ଧାମନଗର ଛକ ନିକଟରୁ ବିଶାଳ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ଖାନକା ପରିସରରେ ଅନ୍ତିମ ଦର୍ଶନ ପରେ ସାନବଜାର, ବଡବଜାର, ବ୍ଲକ ବଜାର ପରିକ୍ରମା ପରେ କାଟଣାପାହି ଷ୍ଟାଡିୟମକୁ ନିଆଯାଇଥିଲା। ଏହାପରେ ମୁଲଣାସାହିସ୍ଥିତ ତାଙ୍କ ବାସଭବନକୁ ନିଆଯିବା ପରେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଜିଲା ଏଏସ୍‌ପି, ଧାମନଗର ଏସ୍‌ଡିପିଓ ମନୋରଞ୍ଜନ ସାମଲ, ଆଇଆଇସି ବନ୍ଦନା ପାତ୍ର, ତହସିଲଦାର ଅଭିପ୍ସା ପଟ୍ଟନାୟକ, ବିଡିଓ ଦୁର୍ଗା ଚରଣ ମୁର୍ମୁ, ପୂର୍ବତନ ବିଧାୟକ ବିଷ୍ଣୁଚରଣ ସେଠୀ, ବିଜେଡି ବ୍ଲକ ସଭାପତି ରଘୁନାଥ ଲେଙ୍କା, ବ୍ଲକ କଂଗ୍ରେସ ସଭାପତି ପ୍ରସନ୍ନ ଧଳ, ଭଦ୍ରକ ଚଉଦ ମହଲା ସଭାପତି ମହମ୍ମଦ ଅବଦୁଲ ବାରି, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ସେକ୍ ଜାଫର ଅଲ୍ଲୀ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଶେଷରେ ଗାଁ ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କବର ଦିଆଯାଇଥିଲା। ଭୁବନେଶ୍ୱର ଏବଂ ବାଲେଶ୍ୱର ଚାନ୍ଦିପୁରରୁ ସେନା ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



ସେନା କର୍ମଚାରୀ ସିରାଜୁଲଙ୍କ ମରଶରୀରକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

**ସେନା କର୍ମଚାରୀଙ୍କ ପରଲୋକ**

### ■ ଛୁରାମାଡ଼ ଘଟଣା

## ଫେରାର ଅଭିଯୁକ୍ତ ଗିରଫ

ପଦ୍ମପୁର, ୧୯।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମେଦ ଗ୍ରାମର ରାଜେନ୍ଦ୍ର ରାଉତଙ୍କୁ ଛୁରାମାଡ଼ ଘଟଣାରେ ଫେରାର ଅଭିଯୁକ୍ତ ଆନନ୍ଦ ଜେନାଙ୍କୁ ପୋଲିସ ବୁଧବାର ଗିରଫ କରିଛି। ଉଲ୍ଲେଖନୀୟ ଯେ, ଗତ ବିଷୁବ ସଂକ୍ରାନ୍ତିରେ ୫ ଜଣ ସଂଘବଦ୍ଧ ଭାବେ ରାଜେନ୍ଦ୍ରଙ୍କୁ ଛୁରାମାଡ଼ କରିଥିଲେ। ଏନେଇ ଅଭିଯୋଗ କ୍ରମେ ନାୟକାଣିଡିହୀ ଥାନାରେ ଏକ ମାମଲା (ନଂ.୫୯/୧୮) ରୁଜୁ କରାଯାଇଥିଲା। ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଆନନ୍ଦ ଫେରାର ଥିଲେ। ଏଏସ୍‌ଆଇ ସୁଦର୍ଶନ ପ୍ରଧାନ ବୁଧବାର ଆନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ଡିସେମ୍ବର ୨୦/୨୦୧୮ Balasore, Thursday, December 20 / 2018

# ଏଫ୍ଏମ୍ ମେଡିକାଲ କଲେଜରେ ଏମ୍ସିଆଇ ଟିମ୍

ବାଲେଶ୍ୱର ଅଫିସ,୧୯।୧୨

ବାଲେଶ୍ୱର ଫକୀରମୋହନ ସରକାରୀ ମେଡ଼ିକାଲ କଲେଜ ଗତ ୨୦୧୭ ଅକ୍ଟୋବର ୩ ତାରିଖରେ ଲୋକାର୍ପିତ ହୋଇଛି। ଦୀର୍ଘ ୮ମାସ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବା ପରେ ପ୍ରଥମଥର ପାଇଁ ଦିଲ୍ଲୀରୁ ଏମ୍ସିଆଇ (ମେଡ଼ିକାଲ କାଉନ୍ସିଲ ଅଫ୍ ଇଣ୍ଡିଆ)ର ୩ଜଣିଆ ପ୍ରତିନିଧି ଡା. ବି.ସି. ରାୟଙ୍କ ନେତୃତ୍ୱରେ ବାଲେଶ୍ୱରରେ ମଙ୍ଗଳବାର ପହଞ୍ଚି ବୁଧବାର ପାଠପଢ଼ା, ରୋଗୀସେବା ସହ ଭିତ୍ତିଭୂମିର ଯାଞ୍ଚ କରିଥିଲେ।

ଏମ୍ସିଆଇ ଟିମ୍ର ସଦସ୍ୟମାନେ ରେମୁଣାସ୍ଥିତ ଫକୀରମୋହନ ସରକାରୀ ମେଡ଼ିକାଲ କଲେଜରେ ପହଞ୍ଚି ଛାତ୍ରୀଛାତ୍ରମାନଙ୍କର ପାଠପଢ଼ା ସମ୍ପର୍କରେ ଆଲୋଚନା କରିବା ସହ ସେମାନଙ୍କ ପାଇଁ ଲାଇବ୍ରେରୀ, ଲାବୋରୋଟୋରୀ, ଶ୍ରେଣୀ ଗୃହ ଏମ୍ସିଆଇ ଗାଇଡ଼ଲାଇନ୍ ଅନୁଯାୟୀ ଭିତ୍ତିଭୂମି ଠିକ୍ଠାକ୍ ଅଛି କି ନାହିଁ ବୁଲି ଯାଞ୍ଚ କରିଥିଲେ। ବୁଧବାର ମେଡ଼ିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ବିଭିନ୍ନ ବିଭାଗକୁ ଯାଞ୍ଚ କରିଥିଲେ।

# କୁରୁଣ୍ଟା କିଓସ୍କୋ ବ୍ୟାଙ୍କରୁ ଚୋରି
# ନଦୀରୁ ମିଳିଲା ଜେରକ୍ସ ମେଶିନ

ଖଇରା,୧୯।୧୨(ଡି.ଏନ.ଏ)

ଖଇରା ଥାନା ଅଧୀନ କୁରୁଣ୍ଟାସ୍ଥିତ ଷ୍ଟେଟବ୍ୟାଙ୍କ ଇଣ୍ଡିଆର କିଓସ୍କୋ ଶାଖାରୁ ମଙ୍ଗଳବାର ରାତିରେ ଚୋରି ହୋଇଯାଇଥିବା ନେଇ ବ୍ୟାଙ୍କ ଦାୟିତ୍ୱ ବୁଝୁଥିବା ସ୍ଥାନୀୟ ସନ୍ତୋଷୀ ମା' ସଙ୍ଗଠନର ସଭାପତି ସଞ୍ଜୁଲତା ବେହେରା ଓ ବ୍ୟାଙ୍କ କର୍ମଚାରୀ ରିତାଞ୍ଜଳୀ ପାଢୀ ଖଇରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଖଇରା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ ଚୋରମାନେ ଗ୍ରୀଲ ଭାଙ୍ଗି ଜେରକ୍ସ ମେଶିନ, କମ୍ପ୍ୟୁଟର ଓ ପ୍ରିଣ୍ଟର ଆଦି ଚୋରାଇ ନେଇଛନ୍ତି। ଟଙ୍କା ଥିବା ଆଲମିରାକୁ ଭାଙ୍ଗିବାକୁ ଚେଷ୍ଟା କରି ଏଥିରେ ବିଫଳ ହୋଇଛନ୍ତି। ଘଟଣା କ୍ରମେ ଚୋରମାନେ ଜେରକ୍ସ ମେଶିନକୁ ନିକଟସ୍ଥ ପଥରକଟା ନଦୀରେ ଫୋପାଡି ଦେଇଥିଲେ। ନଦୀକୁ ମାଛ ଧରିବାକୁ ଯାଇଥିବା ଜଣେ ବ୍ୟକ୍ତିଙ୍କ ଜାଲରେ ଏହି ମେଶିନ ଫଶିଯିବାରୁ ନଦୀରୁ ଉଦ୍ଧାର କରାଯାଇଛି। ଏହି ଚୋରିକୁ ମିଶାଇ ୫ ଦିନରେ ଖଇରା ଥାନା ଅଞ୍ଚଳରେ ୧୨ଟି ଚୋରି ଘଟଣା ଘଟିଛି। ଜଣେ ହେଲେ କେହି ଗିରଫ ହୋଇ ନ ଥିବାର ଅଭିଯୋଗ ହୋଇଛି।

# ଯୌତୁକ ପାଇଁ ନବବଧୂଙ୍କୁ ହତ୍ୟା

ସଜନାଗଡ଼,୧୯।୧୨(ଡି.ଏନ.ଏ.)

ନୀଳଗିରି ଏନ୍ଏସି ଅଧୀନ ଘାଟଘରସାହି ଗ୍ରାମରେ ଜଣେ ନବବଧୂଙ୍କୁ ଅଧିକ ଯୌତୁକ ଦାବିରେ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ବୁଧବାର ତାଙ୍କ ଭାଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ବାଥୁଡ଼ିବନ୍ଧ ଗ୍ରାମର କରୁଣାକର ଗିରିଙ୍କ ଝିଅ ସେବତୀଙ୍କ ସହ ଘାଟଘରସାହି ଗ୍ରାମର ରମେଶ ଦାସବାବୁ(୩୫)ଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ବେଳେ କନ୍ୟା ଘର ପକ୍ଷରୁ ସମସ୍ତ ଯୌତୁକ ଦିଆଯାଇଥିଲା। କିଛି ଦିନ ସୁରୁଖୁରୁରେ ଚାଲିଥିବା ବେଳେ ସ୍ୱାମୀ ଭୁବନେଶ୍ୱରରେ ରହୁଥିଲେ। ଶାଶୁ ଘରେ ସେବତୀ ରହୁଥିବା ବେଳେ କିଛିଦିନ ପରେ ପରିବାର ଲୋକ ଆରମ୍ଭ କରିଥିଲେ ନିର୍ଯାତନା। ଏପରିକି ସେବତୀଙ୍କୁ ଖାଇବାକୁ ନ ଦେବା, ପିନ୍ଧିବାକୁ ନ ଦେବା ଏବଂ ଜୀବନରୁ ମାରିଦେବା ଲାଗି ଧମକ ଦେଇଆସୁଥିଲେ। ସ୍ୱାମୀ ରମେଶଙ୍କ ସମେତ ପରିବାରର ଅନ୍ୟମାନେ ଅଧିକ ୨ ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ସେବତୀଙ୍କୁ କହୁଥିଲେ। ବାପଘର ପରିସ୍ଥିତି ଠିକ୍ ନ ଥିବାରୁ ସମୟ ସୁଯୋଗ ଦେଖି ବାପା, ଭାଇଙ୍କଠାରୁ ଆସ୍ତେ ଆସ୍ତେ ଆଣି ଦେବି ବୋଲି ସେବତୀ କହି ଆସୁଥିଲେ। ବୁଧବାର ସକାଳେ ସେବତୀଙ୍କ ତଣ୍ଟି ଚିପି, ମୁହଁରେ ତକିଆ ରଖି ଶ୍ୱାସରୁଦ୍ଧ କରି ଶାଶୁଘର ଲୋକେ ହତ୍ୟା କରିଥିବା ନୀଳଗିରି ଥାନାରେ ମୃତକଙ୍କ ଭାଇ ଗୌତମ ଗିରି ଅଭିଯୋଗ କରିଛନ୍ତି। ଥାନାରେ ମାମଲା (ନଂ. ୨୭୪/୧୮) ରୁଜୁ ହୋଇଛି।

# ବସ୍ତାର ୨ ଯୁବକଙ୍କୁ ଉଠାଇ ନେଲା ଆନ୍ଧ୍ର ପୋଲିସ

ବସ୍ତା, ୧୯।୧୨(ସ୍ୱ.ପ୍ର.)

ଏକ ଚୋରି ମାମଲାରେ ସମ୍ପୃକ୍ତ ଥିବା ବସ୍ତା ଅଞ୍ଚଳର ଦୁଇ ଯୁବକଙ୍କୁ ଆନ୍ଧ୍ର ପୋଲିସ ଉଠାଇ ନେଇଛି। ଏହି ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି ତାଙ୍କ ପରିବାର ଲୋକେ କହୁଥିବା ବେଳେ ନିର୍ଦ୍ଦୋଷ ହୋଇଥିଲେ ଉପଯୁକ୍ତ ନ୍ୟାୟ ମିଳିବ ବୋଲି ଆନ୍ଧ୍ର ପୋଲିସ କହିଛି।

ବସ୍ତା ବ୍ଲକ ପୋଡ଼ପଡ଼ା ଗ୍ରାମର ଗୌତମ କୁମାର ଯେନା ଏବଂ ସାନଖୁଡ଼ି ଗ୍ରାମର ଓମ୍ ପ୍ରକାଶ ଆଇଚ୍ ଦୀର୍ଘ ୬ବର୍ଷ ଧରି ସୁଚିର ଇଣ୍ଡିଆ ନାମକ କନ୍ଷ୍ଟ୍ରକ୍ସନ୍ କମ୍ପାନୀରେ କାମ କରିଆସୁଥିଲେ। ତେବେ କମ୍ପାନୀରୁ ୫୭.୫ ଲକ୍ଷ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଚୋରିମାମଲାର ତଦନ୍ତ କରି ଆନ୍ଧ୍ର ପୋଲିସ ବସ୍ତା ପୋଲିସର ସହାୟତା ନେଇଥିଲା। ଏନେଇ ହାଇଦ୍ରାବାଦ ଟାଉନ୍ ଥାନାରେ ଏକ ମାମଲା (ନଂ.୬୪୧/୧୮) ୧୧।୧୨।୨୦୧୮ ରୁଜୁ କରାଯାଇଛି।




# ଗ୍ରାମୀଣ ଡାକସେବକ ସଂଘର ଧାରଣା

**ସୋର, ୧୯।୧୨(ଡି.ଏନ୍.ଏ.):** ଅଖିଳ ଭାରତୀୟ ଗ୍ରାମୀଣ ଡାକ ସେବକ ସଂଘ ଓ ଜାତୀୟ ଗ୍ରାମୀଣ ଡାକ ସେବକ ସଂଘ ପକ୍ଷରୁ ସୋର ମୁଖ୍ୟ ଡାକଘର ସମ୍ମୁଖରେ ବୁଧବାର ଧାରଣା ଦିଆଯାଇଥିଲା। ଜାନୁୟାରୀ ୨୦୧୬ରୁ ଅବସରକାଳୀନ ସୁବିଧା, ବକେୟା ରାଶି ପ୍ରଦାନ, ଗ୍ରାଚ୍ୟୁଇଟି ଦେଢ଼ ଲକ୍ଷ ଟଙ୍କାରୁ ୫ ଲକ୍ଷକୁ ବୃଦ୍ଧି ଆଦି ଦାବି ଅନ୍ତର୍ଭୁକ୍ତ। ପ୍ରଫୁଲ୍ଲ ଜେନା, ମଧୁସୂଦନ ଘଡାଇ, ଦିଲ୍ଲୀପ ପାତ୍ର, ନୃଷିଙ୍ଗ ଜେନା, ମହେଶ୍ୱର ଶଙ୍ଖୁଆ, ଭାସ୍କର ଚନ୍ଦ୍ର ବେହେରା, ରତ୍ନାକର ବାରିକ, ହରିଶ୍ଚନ୍ଦ୍ର ଖୁଣ୍ଟିଆ, ମାନସ ପାଲ, ନବୀନ ଚରଣ ସିଂ ପ୍ରମୁଖ ଧାରଣାରେ ସାମିଲ ଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ନାବାଳକଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

**ଯୋଡ଼ା, ୧୯।୧୨(ଡି.ଏନ.ଏ.):** ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଲହଣ୍ଡାଠାରେ ମଙ୍ଗଳବାର ଜଣେ ନାବାଳକଙ୍କୁ ଗଛରେ ବାନ୍ଧି ପିଟିପିଟି ହତ୍ୟା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲହଣ୍ଡାଠାରେ ରହୁଥିବା ବବୁଲୁ ମୁଣ୍ଡା। ଲହଣ୍ଡା ଗ୍ରାମର ବବୁଲୁ(୨୦) ଓ ଚନ୍ଦନ ମୁଣ୍ଡା(୧୨) କଳାପାହାଡ ଛକରୁ କୁକୁଡା କିଣି ଘରକୁ ଫେରୁଥିଲେ। ବାଟରେ ମୋବାଇଲ ଫୋନକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ବଚସା ହୋଇ ହାତାହାତି ହୋଇଥିଲା। ଏଥିରେ ବବୁଲୁ ଏକ କାଠ ଫାଳିଆରେ ଚନ୍ଦନକୁ ଗଛରେ ବାନ୍ଧି ହତ୍ୟା କରିଥିଲେ। ମୃତ ଚନ୍ଦନଙ୍କ ଭାଇ ଗୋଲୁ ମୁଣ୍ଡା ବୁଧବାର ବିଲେଇପଦା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ହତ୍ୟା ମାମଲା ରୁଜୁ କରିଥିବା ଫାଣ୍ଡି ଅଧିକାରୀ ନରେଶ ଦାସ କହିଛନ୍ତି।

### ରାତି ଅଧରେ ଛେଳି ଚୋରି

**ଚମ୍ପୁଆ, ୧୯।୧୨(ଡି.ଏନ.ଏ.):** ଚମ୍ପୁଆ ଥାନା ଅନ୍ତର୍ଗତ ପାଞ୍ଚପୋଖରିଆ ବନ୍ଧ ସାହିରେ ମଙ୍ଗଳବାର ରାତି ଅଧରେ ଘରର ତାଲା ଭାଙ୍ଗି ଛେଳି ଚୋରି ହୋଇଛି। ୫ଟି ଛେଳିର ଦାମ ୪୦ ହଜାର ଟଙ୍କା ହେବ ବୋଲି ଜଣାଯାଇଛି। ବନ୍ଧ ସାହିର ଶ୍ରୀକାନ୍ତ ମହାନ୍ତ ଘରେ ଶୋଇଥିବା ବେଳେ ଛେଳି ଗୁହାଳ ମଧ୍ୟରେ ଥିଲେ। ଚୋର ଶ୍ରୀକାନ୍ତଙ୍କ ଶୋଇବା ଘର କବାଟକୁ ବାହାର ପାଖରୁ ଶିକୁଳି ଲଗାଇ ଦେଇଥିଲେ। ଛେଳି ଗୁହାଳରେ ଶବ୍ଦ ଶୁଣି ଶ୍ରୀକାନ୍ତ ପାଟି କରିବାରୁ ଚୋରମାନେ କେବଳ ଛୋଟ ଛେଳିକୁ ଛାଡି ଅନ୍ୟ ଛେଳିକୁ ଏକ ଗାଡିରେ ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

### ଦୁର୍ଘଟଣାରେ ହୋମଗାର୍ଡ ଗୁରୁତର

**ଆନନ୍ଦପୁର,୧୯।୧୨(ସ୍ୱ.ପ୍ର.):** ଆନନ୍ଦପୁର ଥାନାର ଜଣେ ହୋମଗାର୍ଡ଼ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ସେ ହେଲେ ଦିଗମ୍ବର ନନ୍ଦି(୩୮)। କୌଣସି କାର୍ଯ୍ୟରେ ନିଜ ଘର ଆନନ୍ଦପୁରରୁ ଘସିପୁରା ଅଭିମୁଖେ ଯାଉଥିଲେ। ବୈତରଣୀ ସେତୁ ଉପରେ ଥିବା ବାଲି ବସ୍ତାରେ ସେ ଧକ୍କା ହୋଇଥିଲେ। ସ୍ଥାନୀୟ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ନନ୍ଦିଙ୍କର ଏବି ନେଗେଟିଭ୍ ବ୍ଲଡ ଗ୍ରୁପ ହୋଇଥିବାରୁ ତାଙ୍କ ଚିକିତ୍ସା ପାଇଁ ଆବଶ୍ୟକ ବ୍ଲଡ ମିଳିବାରେ ଅସୁବିଧା ହେଉଥିବା ପରିବାରବର୍ଗ ସୂଚନା ଦେଇଛନ୍ତି।

### ବଡ଼ବିଲରେ ଘନ କୁହୁଡ଼ି



**ବଡ଼ବିଲ, ୧୯।୧୨(ସ୍ୱ.ପ୍ର.):** ବଡ଼ବିଲରେ ବୁଧବାର ସକାଳେ ଘନ କୁହୁଡି ଦେଖିବାକୁ ମିଳିଥିଲା। ଶୀତର ପ୍ରକୋପ ଅନୁଭୂତ ହେଉଛି। ପେଥାଇ ପ୍ରଭାବରେ ତିନିଦିନ ଧରି ସୂର୍ଯ୍ୟଙ୍କ କିରଣ ପଡ଼ି ନ ଥିବା ବେଳେ କୋହଲା ପାଗ ଜନଜୀବନକୁ ଅସ୍ତବ୍ୟସ୍ତ କରି ଦେଇଛି। ସକାଳୁ ପାଗ ଫିଟିବା ସହ କୁହୁଡି ଯୋଗୁଁ ମୁହଁକୁମୁହଁ ଦିଶୁ ନ ଥିବାବେଳେ ବିଭିନ୍ନ ଯାନବାହନର ଲାଇଟ୍ ଜଳାଇ ଯାତାୟାତ କରୁଥିଲା। ଛାତ୍ରୀଛାତ୍ରଙ୍କ ସହ ଅଭିଭାବକ ସକାଳେ କୁହୁଡିରେ ଭିଜି ବେଶ୍ ଆନନ୍ଦିତ ହୋଇଥିବା ଦେଖିବାକୁ ମିଳିଥିଲା।

### ଧାନର ଅଭାବୀ ବିକ୍ରି, ମଣ୍ଡି ଘେରାଉ

**ହାଟଡିହୀ, ୧୯।୧୨(ଡି.ଏନ୍.ଏ.):** ହାଟଡ଼ିହୀ ବ୍ଲକ ମରେଇଗାଁ ଧାନମଣ୍ଡିକୁ ଭାଜପା କର୍ମକର୍ତ୍ତା ଘେରାଉ କରିଥିଲେ। ଧାନର ଅଭାବୀ ବିକ୍ରିକୁ ନେଇ ମଣ୍ଡି ଘେରାଉ କରାଯାଇଥିଲା। ମଣ୍ଡି ତରଫରୁ କୁଇଣ୍ଟାଲ୍ ପିଛା ୫ରୁ ୮ କେଜି ଧାନ କାଟିବା ଏବଂ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୭୫୦ ଟଙ୍କା ଥିବାବେଳେ ଚାଷୀଙ୍କୁ କମ ଦାମରେ ଦିଆଯାଉଥିବାକୁ ବିରୋଧ କରାଯାଇଛି। ମହେଶ୍ୱର ସାହୁ, ଆଲୋକ ସେଠି, ଶ୍ରୀଧର ସାହୁ, ପ୍ରେମାନନ୍ଦ ମିଶ୍ର, ମଧୁସୁଦନ ରାଉତ, ଦଶରଥ ଜେନା, ବଳଭଦ୍ର ବାରିକ ପ୍ରମୁଖ ଘେରାଉରେ ସାମିଲ ହୋଇଥିଲେ।

# ଲଟାବୁଦା ଘେରରେ ବିଦ୍ୟାଳୟ

**ଆନନ୍ଦପୁର, ୧୯।୧୨(ସ୍ୱ.ପ୍ର.)**



ବିଏନ ହାଇସ୍କୁଲ ପାଚେରିକୁ ଲଟାବୁଦା ଘେରି ରହିଛି।

**ବିଏନ୍ ହାଇସ୍କୁଲ**
- ଅସ୍ୱାସ୍ଥ୍ୟକର ପରିବେଶ
- ଛାତ୍ରଙ୍କୁ ସରୀସୃପ ଭୟ

ଆନନ୍ଦପୁରର ଗର୍ବଗୌରବ ତଥା ରାଜରାଜୁଡା ଅମଳରୁ ପ୍ରତିଷ୍ଠାଲାଭ କରିଥିବା ସର୍ବପୁରାତନ ଶିକ୍ଷାନୁଷ୍ଠାନ ଆନନ୍ଦପୁର ବି.ଏନ. ହାଇସ୍କୁଲ ଲଟାବୁଦା ଘେରରେ ରହିଛି। ଅସ୍ୱାସ୍ଥ୍ୟକର ପରିବେଶରେ ଛାତ୍ର ପାଠ ପଢୁଛନ୍ତି। ସ୍କୁଲର ପାଚେରିକୁ ନାନା ଗଛ ଲଟା ମାଡି ଯାଇଛି। ଜଙ୍ଗଲ ପରିବେଶ ଭଳି ଦେଖାଯାଉଛି। ସରିସୃପଙ୍କ ବାସସ୍ଥଳୀ ପାଲଟିଛି। ଛାତ୍ରମାନେ ନିଜକୁ ଅସୁରକ୍ଷିତ ମନେକରୁଥିବା ଅଭିଯୋଗ ହେଉଛି। ସ୍କୁଲ ପରିସରରେ ଅପରିଷ୍କାର ପରିବେଶ ସୃଷ୍ଟି ହୋଇଛି। ସ୍କୁଲ ଛାତରେ ମହୁଫେଣା ରହିଛି। ସ୍ୱଚ୍ଛତା ଆଣିବା ଦିଗରେ ପଦକ୍ଷେପ ଗ୍ରହଣ କରା ନ ଯିବା ପରିତାପର ବିଷୟ ସାଜିଛି।

ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରମାନେ ପାଠପଢୁଛନ୍ତି। ସେମାନଙ୍କର ସୁରକ୍ଷା ଦିଗରେ ଧ୍ୟାନ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ବିଦ୍ୟାଳୟର ଛାତ୍ରାବାସ ସମ୍ମୁଖରେ ଏକ ଶୁଖିଲା ଗଛ ଦୀର୍ଘ ଦିନ ଧରି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏଥିପ୍ରତି କୌଣସି ଦୃଷ୍ଟି ଦିଆଯାଉନାହିଁ। ୨୦୧୬-୧୭ ଓ ୧୭-୧୮ ଆର୍ଥିକ ବର୍ଷରେ ସ୍କୁଲର ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଗୃହ ଓ ନିର୍ମାଣ ବିଭାଗ ପକ୍ଷରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ହାଇସ୍କୁଲର ପରିବେଶରେ ସେଭଳି କିଛି ପରିବର୍ତ୍ତନ ପରିଲକ୍ଷିତ ହୋଇପାରିନି। ଅଭିଭାବକ ବାରମ୍ବାର ସ୍କୁଲ ପରିଚାଳନା କମିଟି ତଥା ଶିକ୍ଷୟିତ୍ରୀଶିକ୍ଷକଙ୍କ ନିକଟରେ ଅଭିଯୋଗ କରୁଥିଲେ ବି କୌଣସି ପଦକ୍ଷେପ ନିଆଯାଉ ନ ଥିବା ଜଣାଯାଇଛି। ସର୍ବପୁରାତନ ଶିକ୍ଷାନୁଷ୍ଠାନର ପୂର୍ବ ଗରିମା ଫେରାଇ ଆଣିବା ଦିଗରେ ଠିକ୍ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଆନନ୍ଦପୁର ବିଏନ ହାଇସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ୍ ନିରାକାର ଦଳେଇଙ୍କୁ ପଚାରିବାରୁ ବିଭିନ୍ନ ସମୟରେ ହେଉଥିବା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ରହୁଛି। ସେଥିରୁ ବାହାରୁଥିବା ବର୍ଜ୍ୟବସ୍ତୁ ଚାରିଆଡେ ପକାଇ ଦିଆଯାଉଛି। ରକ୍ଷଣାବେକ୍ଷଣ ଅଭାବରୁ ବିଦ୍ୟାଳୟ ଚତୁଃପାର୍ଶ୍ୱ ଓ ପରିସରର ସଫେଇ ହୋଇପାରୁନି। ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ଆବଶ୍ୟକ ସଂଖ୍ୟକ ସଫେଇ କର୍ମଚାରୀ ନ ଥିବାରୁ ବିଦ୍ୟାଳୟ ପରିବେଶ ପରିଷ୍କାର ହୋଇପାରୁ ନ ଥିବା ସେ କହିଛନ୍ତି।

# ଧାନମଣ୍ଡି ଖୋଲିବାରେ ବିଳମ୍ବ

**ପାଟଣା, ୧୯।୧୨(ସ୍ୱ.ପ୍ର.)**

ପାଟଣା ଓ ରାଜନଗର ସମବାୟ ସମିତି ଜରିଆରେ ସାତଟି କେନ୍ଦ୍ରରେ ଖରିଫ ଋତୁ ଧାନ କ୍ରୟ ପାଇଁ ସରକାରଙ୍କ ଜିଲା ଯୋଗାଣ ବିଭାଗ ଧାର୍ଯ୍ୟ କରିଥିଲା। ଏବେସୁଦ୍ଧା ଧାନମଣ୍ଡି ଖୋଲୁ ନ ଥିବାରୁ ଚାଷୀ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ବେପାରୀଙ୍କୁ କମ ଦରରେ ଧାନ ବିକ୍ରି କରାଯାଉଛି। ଧାନ ବିକ୍ରି କରି ଚାଷୀ ଶୋଷଣର ଶିକାର ହେଉଛନ୍ତି। ପାଟଣା ସମବାୟ ସମିତି ଅଧୀନରେ କେବଳ ଏରଣ୍ଡେଇ ଓ ରାଜନଗର ସମବାୟ ସମିତି ଅଧୀନରେ ଥିବା ଚେମେଣା ମଣ୍ଡିକୁ ଛାଡ଼ିଦେଲେ ଆଉ ୫ଟି ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ହୋଇଛି। ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ସୋମବାର ଭାରପ୍ରାପ୍ତ ଜିଲା ଯୋଗାଣ ଅଧିକାରୀ ପରେଶ ଚନ୍ଦ୍ର ମହାନ୍ତି ଓ ପାଟଣା ଯୋଗାଣ ଅଧିକାରୀ ବିଦ୍ୟୁତ ଲତା ନାଏକଙ୍କ ଉପସ୍ଥିତିରେ ଚେମେଣା ମଣ୍ଡି ଖୋଲିଛି। କେତେକ ସ୍ଥାନରେ ଦଲାଲମାନେ ଗରିବ ଚାଷୀଙ୍କୁ କମ୍ପ୍ୟୁଟର କଣ୍ଟାରେ ଜାଲିଆତି କରି ଧାନ ଠକି ନେଉଥିବା ଅଭିଯୋଗ ହେଉଛି। ଅଭାବୀ ଧାନ ବିକ୍ରି ରୋକିବା ସହ ଯଥାଶୀଘ୍ର ସମସ୍ତ ଧାନ ମଣ୍ଡି ଖୋଲିବାକୁ ସାଧାରଣରେ ଦାବି ହେଉଛି।

## ■ ୬ ଦଫା ଦାବି ପୂରଣରେ ଅଣଦେଖା

# କାରଖାନାରେ ଶ୍ରମିକ ଆନ୍ଦୋଳନ



ଆନ୍ଦୋଳନ କରୁଛନ୍ତି ଶ୍ରମିକ।

**ରାଇସୁଆଁ, ୧୯।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ବଣୁଆଁ ନିକଟ ହଳଦିଆ ଗୁଣା ଏମ୍ଏସପି ପ୍ଲାଣ୍ଟରେ ବୁଧବାର ଶତାଧିକ ଶ୍ରମିକ ଆନ୍ଦୋଳନ କରିଥିଲେ। ବହୁବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ୬ ଦଫା ଦାବି ନେଇ ଅବଗତ କରାଯାଇ ଥିବା ବେଳେ କମ୍ପାନୀ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନି। ଏ ନେଇ ବାଧ୍ୟ ହୋଇ ଶ୍ରମିକ ସଙ୍ଗଠନ ପକ୍ଷରୁ କାରଖାନାର ମୁଖ୍ୟ ଫାଟକ ନିକଟରେ ଆନ୍ଦୋଳନ କରାଯାଇଥିଲା।

କମ୍ପାନୀ ପକ୍ଷରୁ ଶ୍ରମିକଙ୍କୁ ଅଣଦେଖା କରାଯାଉଛି। ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଉନି। ଦାବି ଗୁଡିକୁ ପୂରଣ କରାଯାଉ ନାହିଁ। ଶ୍ରମିକଙ୍କୁ ଗୁଡ, ସାବୁନ, ଅନ୍ୟ ସୁରକ୍ଷା ସାମଗ୍ରୀ ଯୋଗାଣ, ମାସର ୭ରୁ ୧୦ ମଧ୍ୟରେ ଦରମା ପ୍ରଦାନ, ବୁଧବାର ଅଧାଦିନ କାର୍ଯ୍ୟ କରିବା, କାର୍ଯ୍ୟ ସମୟସୀମା ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରଖିବାକୁ ଶ୍ରମିକ ଦାବି କରୁଛନ୍ତି। ଏ ନେଇ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରମିକ ସଙ୍ଗଠନର ଭୁବନ ମହାନ୍ତ କହିଛନ୍ତି।

## ■ ଗୋରୁଙ୍କ ଶିଙ୍ଗରେ ଲାଗିଲା ରେଡିୟମ ଷ୍ଟିକର

# ଦୁର୍ଘଟଣା ରୋକିବା ପ୍ରୟାସ

**କେନ୍ଦୁଝର, ୧୯।୧୨(ସ୍ୱ.ପ୍ର.)**

କେନ୍ଦୁଝର ସହରରେ ବୁଲୁଥିବା ଗୋରୁଙ୍କୁ ରୋକିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ବୁଲା ଗୋରୁଗାଈଙ୍କ ଶିଙ୍ଗରେ ରେଡିୟମ ଷ୍ଟିକର ଲଗାଇ ଟ୍ରାଫିକ ସମସ୍ୟା ଓ ଦୁର୍ଘଟଣା ରୋକିବା ପାଇଁ ପଦକ୍ଷେପ ନିଆଯାଉଛି। କେତେକ ଲୋକ ଏହାକୁ ସ୍ୱାଗତ କରୁଥିବା ବେଳେ ଆଉ କେତେଜଣ ଏ ନେଇ ଭିନ୍ନ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ରେଡିୟମ ଯୋଗୁ ଦୂରରୁ ଗୋରୁଗାଈଙ୍କସ୍ଥିତି ଯଦିଓ ଜାଣିହେବ ରାସ୍ତାରେ ଶୋଇ ରହୁଥିବା ବା ଠିଆ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟିରେ କ'ଣ ସମାଧାନ ହୋଇ ପାରିବ ବୋଲି ମତ ପ୍ରକାଶ ପାଉଛି। ମୁଖ୍ୟ ମେଡିକାଲ ରାସ୍ତାରେ ଗୋରୁଗାଈଙ୍କ ପ୍ରାଦୁର୍ଭାବରୁ ଆମ୍ବୁଲାନ୍ସ ଓ ଅନ୍ୟ ରୋଗୀ ନେଇ ଯାଉଥିବା ଗାଡି ଚାଳକ ବେଶି ଅସୁବିଧା ଭୋଗୁଛନ୍ତି। ଏପରି କି ଗୋରୁଗାଈ ଛାଡିଦେଉଥିବା ମାଲିକଙ୍କ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାହସ କରିପାରୁନାହାନ୍ତି। ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବୁଲା ଗୋରୁଗାଈଙ୍କୁ ପୌରପାଳିକା ପକ୍ଷରୁ ଧରପଗଡ଼ କରି କାଞ୍ଜିଆଖଳାରେ ରଖିବା ବ୍ୟବସ୍ଥା କରୁଥିଲେ। କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଅନ୍ୟପଟେ କୁକୁର ବୁଲୁଥିବା ବେଳେ ଭୟ ଓ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବିଶେଷ କରି ଛୋଟ ପିଲାଙ୍କ ପାଇଁ ଅଧିକ ବିପଦ ସୃଷ୍ଟି କରୁଛି। କୁକୁରଙ୍କ ବନ୍ଧ୍ୟାକରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଉ ନ ଥିବାରୁ ସେମାନଙ୍କ ବଂଶବୃଦ୍ଧି ପାଇ ଏଭଳି ସମସ୍ୟା ଦେଖାଦେଉଛି ବୋଲି ମତ ପ୍ରକାଶ ପାଉଛି।

# ଅଳତୀରେ କାଉ ମଡ଼କ

**ଆନନ୍ଦପୁର/ ଘସିପୁରା, ୧୯।୧୨ (ସ୍ୱ.ପ୍ର.)**

ଘସିପୁରା ବ୍ଲକ ଅନ୍ତର୍ଗତ ଅଳତୀ ଅଞ୍ଚଳରେ ଦୁଇ ଦିନ ହେବ କାଉ ମରି ପଡ଼ିଥିବା ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଅଳତୀର ସାହୁ ମାର୍କେଟ ତ୍ରିନାଥ ବଜାର ଅଞ୍ଚଳରେ କାଉ ଗଛରୁ ଖସିପଡି ତଳେ ମରିପଡୁଥିବା ଦେଖାଯାଉଛି। ବାର୍ଡ଼ ଫ୍ଲୁ ଭୁତାଣୁରେ କାଉ ମରୁଥିବା ନେଇ ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ତୁରନ୍ତ ବିଶେଷଜ୍ଞ ଦଳ ପଠାଇ ଘଟଣାର ତଦନ୍ତ କରିବା ପାଇଁ ସ୍ଥାନୀୟ ଲୋକଙ୍କ ସହ ପରିବେଶବିତ୍ ପ୍ରସନ୍ନ କୁମାର ନାୟକ, ଗତିକୃଷ୍ଣ ଭୂୟାଁ ଦାବି କରିଛନ୍ତି।

## ■ ବିପର୍ଯ୍ୟସ୍ତ ରାସ୍ତା, ଯାତାୟାତ ଠପ

# ଜିଲାପାଳଙ୍କୁ ଭେଟିଲେ ମହିଳା

**କେନ୍ଦୁଝର, ୧୯।୧୨(ସ୍ୱ.ପ୍ର.)**



ଜିଲାପାଳଙ୍କୁ ଦାବିପତ୍ର ଦେଉଥିବା ମହିଳା।

ରଙ୍ଗଡିହୀ-ଫୁଲଝର ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଘାଟ ସମସ୍ୟାକୁ ନେଇ ବାଂଶପାଳ ବ୍ଲକ ଡୁମୁରିଡିହି ସାହିର ୱାର୍ଡ ମେମ୍ବର ଓ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ବୁଧବାର ଜିଲାପାଳଙ୍କୁ ଲିଖିତ ଅଭିଯୋଗ ପତ୍ର ଦେଇଛନ୍ତି। ଉକ୍ତ ରାସ୍ତାରେ ଦୈନିକ ଲୁହାପଥର ଓ ପିଲେଟ ବୋଝେଇ ଟ୍ରକ୍ ଚଳାଚଳ କରୁଛି। ରାସ୍ତା ଭାଙ୍ଗିବା ସହ ଦୁର୍ଘଟଣା ଘଟୁଛି। ରାସ୍ତାରେ ଯାତାୟାତ ଅସୁରକ୍ଷିତ ହୋଇପଡୁଛି।

ଲୁହାପଥର ବୋଝେଇ ଟ୍ରକ୍ ଗୁଡିକ ପଳାଶପଙ୍ଗା କିଡକୋ ରାସ୍ତା ଦେଇ ଯିବାଆସିବା କରୁନି। ଗ୍ରାମାଞ୍ଚଳ ଦେଇ ଚଳାଚଳ କରୁଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି ଅଭିଯୋଗ ହୋଇଛି। ଗାଡି କ୍ଷୀପ୍ର ଗତିରେ ଗାଡ଼ି ଚଳାଯାଉଛି। ଏ ନେଇ ବିରୋଧ କଲେ ଅଶାଳୀନ ଭାଷାରେ ଗାଡି ଚାଳକ ଗାଳିଗିଲଜ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ନେଇ ଜିଲାପାଳ ଆଶିଷ ଠାକରେ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ଜିଲାପାଳ ସମସ୍ୟାର ପଦକ୍ଷେପ ନେବାକୁ ଅତିରିକ୍ତ ଜିଲାପାଳଙ୍କୁ କହିଛନ୍ତି।

# ୨୦ରୁ ହ୍ୟାଣ୍ଡବଲ ଚାମ୍ପିୟନଶିପ୍

**କେନ୍ଦୁଝର, ୧୯।୧୨(ସ୍ୱ.ପ୍ର.)**

କେନ୍ଦୁଝରସ୍ଥିତ ଶିଶୁ ପାର୍କଠାରେ ଥିବା ହ୍ୟାଣ୍ଡବଲ ପଡ଼ିଆରେ ୩୨ତମ ରାଜ୍ୟ ପୁରୁଷ ଓ ମହିଳା ତଥା ୭ମ ସର୍ବଭାରତୀୟ ପ୍ରଭାତ ମେମୋରିଆଲ ହ୍ୟାଣ୍ଡବଲ ଚାମ୍ପିଅନସିପ (ଦିବା ରାତ୍ରୀ) ଗୁରୁବାର ଆରମ୍ଭ ହେବାକୁ ଯାଉଛି। ଖେଳରେ ରାଜ୍ୟର ୨୬ ଦଳ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ୭ମ ସର୍ବଭାରତୀୟ ପ୍ରଭାତ ମେମୋରିଆଲ ହ୍ୟାଣ୍ଡବଲରେ ଓଡ଼ିଶା, ଝାରଖଣ୍ଡ, ବିହାର ଓ ପଶ୍ଚିମବଙ୍ଗର ୯ ପୁରୁଷ ଓ ୬ ମହିଳା ଦଳ ଭାଗ ନେବେ। ଖେଳ ୨୧ ତାରିଖ ସନ୍ଧ୍ୟା ୫ଟାରୁ ଆରମ୍ଭ ହୋଇ ୨୩ ସନ୍ଧ୍ୟା ୮ଟାରେ ଶେଷ ହେବ। ପ୍ରତ୍ୟେକ ଦଳର ୧୪ ଜଣ ଲେଖାଏଁ ଖେଳାଳି ଭାଗ ନେବେ। ୩୨ତମ ରାଜ୍ୟ ପୁରୁଷ ଓ ମହିଳା ହ୍ୟାଣ୍ଡବଲ ଖେଳ ପ୍ରତ୍ୟେକ ଦିନ ସକାଳ ୭ଟା ୩୦ରୁ ୧୨ଟା ଓ ଅପରାହ୍ନ ୩ଟାରୁ ୫ଟା ଯାଏ ପାର୍କ ପଡିଆ ତଥା ଡିମ୍ପୋସ୍ଥିତ କେନ୍ଦୁଝର ଇଞ୍ଜିନିୟରିଂ କଲେଜ ପଡ଼ିଆରେ ଅନୁଷ୍ଠିତ ହେବ। ଖେଳରେ ସମୁଦାୟ ଖେଳାଳି ଓ ଅଫିସିୟାଲ ଭାବେ ୪ ଶହ ଜଣ ଯୋଗ ଦେବେ ବୋଲି ସୂଚନା ମିଳିଛି।

# ଆନନ୍ଦପୁର ଶିଳ୍ପ ତାଲିମ କେନ୍ଦ୍ରର ବାର୍ଷିକୋତ୍ସବ

**କୋଲିମାଟି, ୧୯।୧୨(ଡି.ଏନ.ଏ.)**

ଆନନ୍ଦପୁର ଶିଳ୍ପ ତାଲିମ କେନ୍ଦ୍ରରେ ଦୁଇ ଦିନ ବ୍ୟାପି ବାର୍ଷିକ ଉତ୍ସବ ପାଳିତ ହୋଇଛି। କଲେଜର ଅଧ୍ୟକ୍ଷ ଇଂ ସରତ ଚନ୍ଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଉପଜିଲାପାଳ ରବୀନ୍ଦ୍ର ସାହୁ ଏବଂ ଓଏମସି ଆଞ୍ଚଳିକ ପରିଚାଳକ ସୁବ୍ରତ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। କଲେଜର ଶିକ୍ଷକ କୃଷ୍ଣ ବେହେରା, ମାତୃ ପ୍ରସାଦ ସାହୁ, ମନୋରଞ୍ଜନ ମହାରଣା, ଦୀପ୍ତି ରଞ୍ଜନ ଜେନା, ପ୍ରକାଶ ରାଉତ, ଚିଦାନନ୍ଦ ମଲିକ, ପ୍ରଦୀପ ସାହୁ, ଉତ୍ତମ ସାହୁ, ଦୁଷ୍ମନ୍ତ ପାଣିଗ୍ରାହୀ, ଅରୂପ ସାହୁ, ଶ୍ରୀକାନ୍ତ ପଣ୍ଡା, ଶିକ୍ଷୟିତ୍ରୀ ପୁଷ୍ପଲତା ବେହେରା, ଡଲିରାଣୀ ପାତ୍ର, ସୁଚିସ୍ମିତା ମହାରଣା, ସୁଭଦ୍ରା ବେହେରା, ନନ୍ଦିତା ବେହେରା, ପ୍ରମୋଦ ସେଠୀ ଉପସ୍ଥିତ ରହିଥିଲେ। କ୍ରିକେଟ, ଫୁଟବଲ, କବାଡି, ଲଙ୍ଗ ଜମ୍ପ, ହାଇ ଜମ୍ପ ଖେଳ ହୋଇଥିଲା। ଲିପୁନ ବେହେରା, ସୌମ୍ୟୟ ରଞ୍ଜନ ବେହେରା, ଆଦିତ୍ୟ ନନ୍ଦ, ରାଜେନ୍ଦ୍ର ବେହେରା, ଆଲୋକ ଜେନା, ସୌମ୍ୟଜିତ ବେହେରା, ଦୀପକ ଜେନା, ଲୀଳାବତି ଓରାମ, ଦେବକୀ ନାୟକ, ମିନାକ୍ଷୀ ଜେନା ପ୍ରମୁଖ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଭଗବତୀ ମହାନ୍ତି, ପପୁନ ବେହେରା, ମନୋରଞ୍ଜନ ଜେନା, ସସ୍ମିତା ହେମ୍ବ୍ରମ, ଦେବାଶିଷ ନାୟକ, ତାପସ ସଦାର, ଜଗନ୍ନାଥ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ଝାରବେଡ଼ା ଚାମ୍ପିୟନ

**ତେଲକୋଇ, ୧୯।୧୨(ଡି.ଏନ.ଏ.)**

ତେଲକୋଇ ବ୍ଲକ ସିରିଗିଡ଼ା ଖେଳ ପଡ଼ିଆରେ ଡାଇମଣ୍ଡ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପପୁନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ଝାରବେଡ଼ା ଏକାଦଶ ଚାମ୍ପିୟନ ହୋଇଥିବାବେଳେ ଚାନ୍ଦପୁର ଏକାଦଶ ରନର୍ସଅପ ହୋଇଛି। ଫାଇନାଲ ମ୍ୟାଚରେ ତହସିଲଦାର ଅଶ୍ୱିନି ନାଏକ, ଥାନା ଅଧିକାରୀ ଦେବେନ୍ଦ୍ର ନାଥ ପିଙ୍ଗୁଆ, ବିଡିଓ ଦିଲ୍ଲୀପ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଷୀରୋଦ ପାତ୍ର, ଯଶୋବନ୍ତ ସାହୁ, ଡାଇମଣ୍ଡ କ୍ଲବର ସଭାପତି ଯଶୋବନ୍ତ ସାହ, ସମ୍ପାଦକ ବୈଜୟନ୍ତ ସାହୁଙ୍କ ସହ କମିଟି ଓ ସରପଞ୍ଚ ଜିଙ୍ଗପାଟ ପିଙ୍ଗୁଆ ଖେଳ ପରିଚାଳନା କରିଥିଲେ।

# ଟ୍ରେନ୍‌ରେ କଟି ମହିଳାଙ୍କ ମୃତ୍ୟୁ

**ଢେଙ୍କିକୋଟ, ୧୯।୧୨(ଡି.ଏନ.ଏ.)**

ଘଟଗାଁ ଥାନା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ବାରାହାଟିପୁରା ପଞ୍ଚାୟତ ଦେହୁରିପଡ଼ା ଗ୍ରାମ ଦେଇ ଯାଇଥିବା ଦୈତାରୀ ବାଉଁଶ ପାଣି ରେଳ ଲାଇନ୍‌ରେ ଟ୍ରେନ୍‌ରେ କଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ଦେହୁରି ପଡ଼ା ଗ୍ରାମର ସମଲା ମୁଣ୍ଡା । ସମଲା ବୁଧବାର ସକାଳ ୭ଟାରେ ରେଳ ଲାଇନ୍ ପାର୍ ହୋଇ ଶୌଚ ହେବା ପାଇଁ ଯାଉଥିଲେ। ସେହି ସମୟରେ ଏକ ମାଲବାହୀ ଟ୍ରେନ୍‌ରେ ସେ କଟି ଯାଇଥିବା ଅଭିଯୋଗ ହୋଇଛି। ଖବର ପାଇ ଢେଙ୍କିକୋଟ ଫାଣ୍ଡି କନଷ୍ଟେବଲ ସୁଶୀଲ କୁମାର ମହାନ୍ତ, ହାବିଲଦାର ବିଜୟ ଗିରୀ, ଘଟଗାଁ ଥାନା ଏଏସ୍ଆଇ ସହଦେବ ସହୁ ପହଞ୍ଚି ମୃତଦେହ ଜବତ କରିଥିଲେ।

# ଜନ ପରାମର୍ଶ ପଦଯାତ୍ରା

**ଯୋଡ଼ା, ୧୯।୧୨(ଡି.ଏନ.ଏ.)**

ଯୋଡ଼ା ସହରରେ ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ହୋଇଥିଲା। ଯୋଡା ପୌରପାଳିକାର ୧ , ୨, ୩, ୪, ଓ ୫ ନମ୍ବର ୱାର୍ଡରେ ବୁଧବାର ପଦଯାତ୍ରା ଶେଷ ହୋଇଥିଲା। ଯୋଡ଼ା ଭାଜପା ସଭାପତି ସୁଶାନ୍ତ ବେବର୍ତ୍ତାଙ୍କ ନେତୃତ୍ୱରେ ଦଳର ଶତାଧିକ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ। ଜନସାଧାରଣଙ୍କୁ ଭେଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ।




ଭାଜପା କର୍ମୀମାନେ ପଦଯାତ୍ରାରେ ଯାଉଛନ୍ତି।

## ■ ବୈତରଣୀରେ ଇଞ୍ଜିନିୟରିଂ ଛାତ୍ର ନିଖୋଜ ଘଟଣା

# ଖୋଜିବାରେ ପ୍ରଶାସନ ବିଫଳ

**ଆନନ୍ଦପୁର, ୧୯।୧୨(ସ୍ୱ.ପ୍ର.)**



ଆନନ୍ଦପୁର ବୈତରଣୀ ଘାଟ।

- ୪ ଦିନ ବିତିଲା, ମିଳୁନି ସନ୍ଧାନ
- ଘାଟ ଜଗିଛନ୍ତି ସ୍ଥାନୀୟ ଲୋକେ

ବୈତରଣୀ ବ୍ୟାରେଜ ଘାଟରେ ଗାଧୋଉଥିବା ବେଳେ ବୁଡି ନିଖୋଜ ଥିବା ଇଞ୍ଜିନିୟରିଂ ଛାତ୍ରଙ୍କ ପତ୍ତା ମିଳୁନି। ଘଟଣାର ୪ ଦିନ ପରେ ବି ନିଖୋଜ ଛାତ୍ର ବୈଲୋଚନ ସାମଲଙ୍କ କୌଣସି ସନ୍ଧାନ ପୋଲିସ ପ୍ରଶାସନ ପାଇ ନାହିଁ। ନିଖୋଜ ଘଟଣା ସନ୍ଦେହ ଘେରରେ ରହିଛି। ଏ ନେଇ ନାନା କଥା ଆଲୋଚନା ହେଉଛି। ଉକ୍ତ ଘାଟରେ ଲୋକେ ଦୈନିକ ଦାଧୋଉଥିବାବେଳେ ଛାତ୍ରଙ୍କ ନିଖୋଜ ଘଟଣାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଆନନ୍ଦପୁର ଓ ଘସିପୁରା ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିବା ପରେ ପ୍ରଶାସନ ପକ୍ଷରୁ ଗେଟ୍ ପକାଯାଇ ବାଲି ଖୋଳା ଯାଇଥିଲା। ପରବର୍ତ୍ତୀ ସମୟରେ ବୈଲୋଚନ ବାଲିରେ ପୋତି ହୋଇଥିବା ସନ୍ଦେହରେ ପୁନର୍ବାର ଗେଟ୍ ଖୋଲାଯାଇ ପାଣି ଛଡାଯିବା ସତ୍ତ୍ୱେ ବି କୌଣସି ସୁଫଳ ମିଳିପାରିନି। ବୈଲୋଚନଙ୍କ ପରିବାର ପକ୍ଷରୁ ଆନନ୍ଦପୁର ଥାନାରେ ନିଖୋଜ ସମ୍ପର୍କିତ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୪/୧୮) ରୁଜୁ କରିଛି। ନିଖୋଜଙ୍କ ପତ୍ତା ପାଇବାରେ ପୋଲିସ ବିଫଳ ହୋଇଛି।

ବୈଲୋଚନଙ୍କ ଦୁଇ ସାଙ୍ଗକୁ ପୋଲିସ ପଚାରାଉଚୁରା କରିଛି। କୌଣସି ତଥ୍ୟ ହାସଲ କରିବାରେ ପୋଲିସ ସମର୍ଥ ହୋଇନାହିଁ। ଆନନ୍ଦପୁର ଅଞ୍ଚଳର ବହୁ ଲୋକ ଘାଟ ଯାଉଛନ୍ତି। ବୈଲୋଚନଙ୍କ ସମ୍ପର୍କରେ କୌଣସି ତଥ୍ୟ ମିଳୁ ନ ଥିବାରୁ ନିରାଶ ହୋଇ ଫେରୁଛନ୍ତି। ଯାଜପୁର ଟାଉନ୍ ଅଞ୍ଚଳର ଲକ୍ଷ୍ମଣ ସାମଲଙ୍କ ପୁଅ ବୈଲୋଚନ(୨୦), ଢେଙ୍କାନାଳର ଛାତ୍ର ବିଭୁ ପ୍ରସାଦ ବେହେରା(୨୧) ଓ ଘସିପୁରା ଥାନା କଇନିପୁରା ଗ୍ରାମର ଛାତ୍ର ବିପ୍ଳୁ ପ୍ରଦାନନ୍ଦ ପ୍ରଧାନ(୧୮) ରବିବାର ଉକ୍ତ ଘାଟରେ ଗାଧୋଉଥିଲେ। ଗୋଡ ଖସି ଯିବାରୁ ବୈଲୋଚନ ବୁଡି ଯାଇଥିବା ତାଙ୍କ ଦୁଇ ସାଙ୍ଗ କହୁଛନ୍ତି। କଟକ ବୋସ୍ ଇଞ୍ଜିନିୟରିଂ କଲେଜର ମେକାନିକାଲ ଡିପ୍ଲୋମା ଦ୍ୱିତୀୟ ବର୍ଷରେ ସେମାନେ ପଢ଼ନ୍ତି। ସେମାନେ ଆନନ୍ଦପୁର ବୁଲିବାକୁ ଆସିଥିଲେ।